# ବଣିଆ ଦୋକାନରେ ନିଆଁ



ବାଲେଶ୍ୱର, ୧୦ ।୧(ସମିସ): ବାଲେଶ୍ୱର ସହରର ନୂଆବଜାରସ୍ଥିତ ଏକ ବଣିଆ ଦୋକାନର ଗୋଦାମ ଘରେ ଆଜି ଅପରାହ୍ନରେ ନିଆଁ ଲାଗିଯାଇଛି । ଏହା ଫଳରେ ସେଠାରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବା ବେଳେ ଗୋଦାମ ମାଲିକ କେହି ନିଆଁ ଲଗାଇଦେଇଥିବା ଅଭିଯୋଗ କରିଛନ୍ତି । ଅନ୍ୟପଟେ ଖବର ପାଇ ଦୁଇଟି ଦମକଳ ବାହାନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ । ନୂଆବଜାର ଅଞ୍ଚଳର ସୁଧୀର କୁମାର ରାଜଙ୍କ ଏକ ବଣିଆ ଦୋକାନ ରହିଛି । ଏକ ଗୋଦାମ ଘର ମଧ୍ୟ ରହିଛି । ଆଜି ଅପରାହଣ ପାଖାପାଖି ୧ଟା୩୦ରେ ନୂଆବଜାର ସ୍ଥିତ ଉକ୍ତ ଗୋଦାମ ଘରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା । ଖବରପାଇ ଦୁଇଟି ଦମକଳ ବାହିନୀ ପହଁଚି ନିଆଁକୁ ଆୟତ କରିଥିଲା । ହେଲେ ଗୋଦାମରେ ଥିବା ବିଭିନ୍ନ ସାମାଗ୍ରୀ ପୋଡି ଯାଇଥିବା ବେଳେ କିଛି ସାମଗ୍ରୀ ଉଦ୍ଧାର କରାଯାଇଛି । ସୁଧିରଙ୍କ ଝିଅ ସୋନାଲୀ ମହାପାତ୍ରଙ୍କ କହିବା ଅନୁସାରେ, ବାପାଙ୍କ ଦୋକାନର ଗୋଦାମ ଘର ଛାତଟି କିଛି ସ୍ଥାନରେ ଭାଙ୍ଗିଯାଇଥିଲା । ସେଠାରେ ଜରିପାଲ ଦିଆଯାଇଥିଲା । ହେଲେ ପାଖରେ ଏକ ହୋଟେଲର କେହି ଅଘଟଣ ଘଟାଇଥିବା କୁହାଯାଉଛି ।

## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ

# ମାନ୍ୟତା ଓ ଅନୁଦାନ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ନିୟମିତ ହୋଇପାରିବେ କାର୍ଯ୍ୟରତ ଶିକ୍ଷକ, ଅଣଶିକ୍ଷକ


ବାଲେଶ୍ୱର, ୧୦।୧(ସମିସ)

ସହରର ରାଣୀପାଟଣାଠାରେ ଦି ୱେଲଫେୟାର ଦ୍ୱାରା ପରିଚାଳିତ ଦୃଷ୍ଟିବାଧିତ ନିମନ୍ତେ ଏକ ଆବାସିକ ବିଦ୍ୟାଳୟ ବା ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ୨୦୦୨ ମସିହାଠାରୁ ଆରମ୍ଭ ହୋଇଛି । ତେବେ ଏଠାରେ ଥିବା କର୍ମଚାରୀ ମାନେ ନିୟମିତ ହୋଇପାରିନାହାଁନ୍ତି । ୬ ବର୍ଷରୁ ଅଧିକ ଦିନ କାମ କରିବା ପରେ ବି ବିଦ୍ୟାଳୟକୁ ସରକାରୀ ମାନ୍ୟତା ନ ମିଳିବା ଯୋଗୁଁ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ମାତ୍ର ଦୀର୍ଘ ବର୍ଷ ପରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଯାହାକୁ ନେଇ ବିଦ୍ୟାଳୟ ମଧ୍ୟରେ ଖୁସିର ବାତାବରଣ ସୃଷ୍ଟି ହୋଇଛି । ତେବେ ସରକାର କେବେ ଏହି ନିର୍ଦ୍ଦେଶନାମା ପାଳନ କରି ବିଦ୍ୟାଳୟକୁ ମାନ୍ୟତା ପ୍ରଦାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

ସୂଚନାଯୋଗ୍ୟ, ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ୨୬ କର୍ମଚାରୀଙ୍କ ମଧ୍ୟରୁ ୩ ଜଣ ଅବସର ଗ୍ରହଣ କରିଛନ୍ତି । ଏବେ ୨୩ ଜଣ କର୍ମଚାରୀ ରହିଛନ୍ତି । ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୧୦ ପିଲା ପାଠ ପଢୁଛନ୍ତି । ଏହି ବିଦ୍ୟାଳୟରେ ଦିବ୍ୟାଙ୍ଗ ତଥା ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦାନ ଦିଆଯାଉଥିବା ବେଳେ ତତ୍କାଳୀନ ବାଲେଶ୍ୱର ଜିଲ୍ଲାପାଳ ବିଦ୍ୟାଳୟକୁ ମାନ୍ୟତା ଓ ଅନୁଦାନ ପ୍ରଦାନ ନିମନ୍ତେ ୧୯୮୫ ମସିହା ଅନୁଦାନ ନିୟମାବଳୀ ଆଧାରରେ ୨୦୦୪ ମସିହା ସେପ୍ଟେମ୍ବର ତାରିଖ ପତ୍ର ସଂଖ୍ୟା ୧୮୦୯ ଓ ପତ୍ର ସଂଖ୍ୟା ୧୯୧୮ ୧୧/୮/୧୧ ତାରିଖରେ ସରକାରଙ୍କୁ ସୁପାରିସ କରିଥିଲେ । ମାତ୍ର ତତ୍କାଳୀନ ମହିଳା ଶିଶୁ ବିକାଶ ବିଭାଗ ଉକ୍ତ ସୁପାରିସକୁ କାର୍ଯ୍ୟକାରୀ ନକରିବାରୁ ଅନୁଷ୍ଠାନର ନିର୍ଦ୍ଦେଶକ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପିସି ନଂ-୮୧୮୨/୧୨ ଆଧାରରେ ବିଦ୍ୟାଳୟକୁ ମାନ୍ୟତା ଓ ଅନୁଦାନ ପ୍ରଦାନ ନିମନ୍ତେ ଆବେଦନ କରିଥିଲେ । ଜିଲ୍ଲାପାଳଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା ନିମନ୍ତେ ଉଚ୍ଚ ନ୍ୟାୟାଳୟ ୧୬/୬/୧୨ ରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ମାତ୍ର ୨୮/୮/୧୨ ରେ ଏହା କାର୍ଯ୍ୟକାରୀ ନହେବାରୁ ପୁଣି ଅନୁଷ୍ଠାନ ଆଉ ଏକ ରିଟ ଡବ୍ଲୁପିସି ନଂ -୨୨୭୭୫/୧୨ ଅନୁଯାୟୀ ହାଇକୋର୍ଟରେ ଆବେଦନ କରିଥିଲେ । ଯାହାକି ୨୬/୩/୧୪ ରେ ଉଚ୍ଚ ନ୍ୟାୟାଳୟ ୧୧/୮/୧୧ ଜିଲ୍ଲାପାଳଙ୍କ ସୁପାରିସକୁ କାର୍ଯ୍ୟକାରୀ କରି ଚାରି ମାସ ଭିତରେ ବିଦ୍ୟାଳୟକୁ ମାନ୍ୟତା ଓ ଅନୁଦାନ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କଲେ । ପରେ ଉଚ୍ଚ ନ୍ୟାୟାଳୟ ୧୪/୧୨/୧୫ରେ ତୁରନ୍ତ ଜିଲ୍ଲାପାଳଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଉଚ୍ଚ ନ୍ୟାୟାଳୟର ଡବ୍ଲୁପିସି ନଂ -୨୨୭୭୫/୧୨ ୨୬/୩/୧୪ ରେ ଆଦେଶ ବିରୁଦ୍ଧରେ ଓଡ଼ିଶା ସରକାର ରିଭିଜନ ମୋ.ନ ୨୦୧/୧୪ ଅନୁଯାୟୀ ଉକ୍ତ ଆଦେଶକୁ ସମୀକ୍ଷା ପାଇଁ କରିଥିବା ଆବେଦନକୁ କୌଣସି ପୃଷ୍ଠଭୂମି ନ ଥିବାରୁ ୧୪/୧୨/୧୫ ରେ ଉଚ୍ଚ ନ୍ୟାୟାଳୟ ଖାରଜ କରିବା ସହିତ ୨୬/୩/୧୪ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ମାତ୍ର ଏହାସତ୍ତ୍ୱେ ବିଦ୍ୟାଳୟକୁ ମାନ୍ୟତା ପ୍ରଦାନ କରାଗଲା ନାହିଁ । ଇତି ମଧ୍ୟରେ ସ୍ୱତନ୍ତ୍ର ବିଦ୍ୟାଳୟ ଅନୁଦାନ ଓ ମାନ୍ୟତା ପ୍ରଦାନ ନିୟମାବଳୀ ୮/୧/୧୩ ରିଜୋଲ୍ୟୁସନ ନଂ ୫୩୨/୨୦୧୩ ଡବ୍ଲୁସିଡି ଅନୁଯାୟୀ ପରିବର୍ତ୍ତନ କରାଗଲା । ଫଳରେ ଉଚ୍ଚ ନ୍ୟାୟାଳୟରେ ଆଉ ଏକ ରିଟ ନଂ ୧୪୭୫୭/୧୬ ରେ ଆଗତ କରାଗଲା । ଗତ ୨୦୨୫ ଡିସେମ୍ବର ୨୫ରେ ଉଚ୍ଚ ନ୍ୟାୟାଳୟ ଉକ୍ତ ରିଟ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣୀ କରି ଉଚ୍ଚ ନ୍ୟାୟାଳୟ ଦି ୱେଲଫେୟାର ଦ୍ୱାରା ପରିଚାଳିତ ଦୃଷ୍ଟିବାଧିତ ବିଦ୍ୟାଳୟକୁ ଜିଲ୍ଲାପାଳଙ୍କ ୧୧/୮/୧୧ ସୁପାରିସ ଅନୁଯାୟୀ ୧୯୮୫ ମସିହା ନିୟମାବଳୀ ଧାରା ୨ ଉପଧାରା ୪ ଅନୁଯାୟୀ ମାନ୍ୟତା ପ୍ରଦାନ ସହ ଅନୁଦାନ ପ୍ରଦାନ କରିବା ପାଇଁ ୪ ମାସ ସମୟ ପ୍ରଦାନ କରିଛନ୍ତି । ଉକ୍ତ ମାନ୍ୟତା ପ୍ରାପ୍ତ ପରେ ଅନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକ, ଅଣଶିକ୍ଷକ ମାନେ ନିୟମିତ ହେବାର ସୌଭାଗ୍ୟ ପାଇବା ସହ ବର୍ଦ୍ଧିତ ହାରରେ ଦରମା ପାଇବାକୁ ସକ୍ଷମ ହେବେ । ଉଚ୍ଚ ନ୍ୟାୟାଳୟର ଡିସେମ୍ବର ୧୫ ତାରିଖ ଆଦେଶନାମା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗୀୟ ସଚିବଙ୍କୁ ଡିସେମ୍ବର ୨୩ ତାରିଖରେ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପ୍ରଦାନ କରାଯାଇଛି । ସରକାର କେବେ ଉକ୍ତ ନିର୍ଦ୍ଦେଶନାମା ପାଳନ କରୁଛନ୍ତି ତାହାକୁ ବିଦ୍ୟାଳୟ ସମେତ ସମସ୍ତ ବୁଦ୍ଧିଜୀବୀ ଅପେକ୍ଷାରେ ରହିଛନ୍ତି ।



# ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟରେ ପୁସ୍ତକ ଉନ୍ମୋଚନ ସମାରୋହ



ବାଲେଶ୍ୱର, ୧୦।୧(ସମିସ): ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଅଧକ୍ଷା ଡ. ସୋନାଲିସା ମହାନ୍ତି ଶିକ୍ଷା, ରାଜନୀତି ବିଜ୍ଞାନ ଏବଂ ସମାଜ ବିଜ୍ଞାନ କ୍ଷେତ୍ରରେ ଗବେଷଣା କରୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷାବିତ ମାନଙ୍କ ପାଇଁ ଏକ ନୂତନ ପୁସ୍ତକ 'କଣ୍ଟେମ୍ପରାରୀ ଟ୍ରେଣ୍ଡସ ଇନ ଏଜୁକେସନ, ପଲିଟି ଆଣ୍ଡ ସୋସାଇଟି' ଉନ୍ମୋଚନ କରିଥିଲେ । ଏହି ସମାରୋହରେ ବିଭିନ୍ନ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଏହି ପୁସ୍ତକଟିକୁ ତିନିଜଣ ବିଶିଷ୍ଟ ଶିକ୍ଷାବିତ ଓ ଗବେଷକ ମିଳିତ ଭାବେ ରଚନା ସହ ସମ୍ପାଦନା କରିଛନ୍ତି । ସେମାନେ ହେଲେ ବାଲେଶ୍ୱର ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ସନ୍ତୋଷ ରାଉତ, ଶିକ୍ଷାବିତ ପ୍ରମୋଦ ବେହେରା ଏବଂ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମର ବିଭାଗୀୟ ମୁଖ୍ୟ ଡ. ରମାନାଥ ଦ୍ୱିବେଦୀ । ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରସ୍ଥିତ 'ରମଣଶିଳ ପବ୍ଲିକେସନ' ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି ଶୈକ୍ଷିକ ଓ ଗବେଷଣା ସ୍ତରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ପୁସ୍ତକଟିରେ ସାମ୍ପ୍ରତିକ ସମୟର ଶିକ୍ଷା ବ୍ୟବସ୍ଥା, ଶାସନ ପ୍ରଣାଳୀ ଏବଂ ସମାଜରେ ପରିଲକ୍ଷିତ ହେଉଥିବା ବିଭିନ୍ନ ପରିବର୍ତ୍ତନ ଓ ଧାରା ବିଷୟରେ ଗଭୀର ଆଲୋକପାତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ପୁସ୍ତକଟି ପ୍ରକାଶ ପାଇବା ପୂର୍ବରୁ ଆମେରିକାର ପ୍ରତିଷ୍ଠିତ ଅନଲାଇନ ପ୍ଲାଟଫର୍ମ 'ସ୍ଲାଇଡସେୟାର'ରେ ପ୍ରାକ୍-ସମୀକ୍ଷା କରାଯାଇଥିଲା ଓ ପରବର୍ତ୍ତୀ ସମୟରେ ଏହା ଆମେରିକାର ସ୍କ୍ରାଇବ ପତ୍ରିକାରେ ପ୍ରକାଶିତ ହୋଇଛି, ଯାହା ଏହାର ବୌଦ୍ଧିକ ଗୁଣବତ୍ତାକୁ ପ୍ରମାଣିତ କରୁଛି । ଏହି ସଫଳତା ପାଇଁ ଓଡ଼ିଶାର ଶିକ୍ଷା ଜଗତରେ ତିନି ଲେଖକଙ୍କୁ ବେଶ ପ୍ରଶଂସା କରାଯାଇଛି ।

# ମିଳିତ ନିଶା ନିବାରଣ ପକ୍ଷରୁ ବୈଠକ



ବାଲେଶ୍ୱର, ୧୦।୧(ସମିସ): ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ମାସିକ ବୈଠକ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗ ସ୍ଥିତ ଅଫିସ୍ ଗୃହରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦିକା ଗତ ମାସର ବିବରଣୀ ପାଠ କରିଥିଲେ । ତାଙ୍କର ସୂଚନା କ୍ରମେ ଏହି ସଭାରେ କିଛିଦିନ ପୂର୍ବରୁ ମଦ୍ୟପାନଜନିତ ମୃତ୍ୟୁ ଯୋଗୁଁ ସିଙ୍ଗାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବନ୍ଧସାହି ଗ୍ରାମ ପୁରୁଷଶୂନ୍ୟ ହୋଇଯିବା ଖବର ପ୍ରକାଶିତ ହେବା ପରେ 'ମନା' ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ଏହି ଗ୍ରାମରେ 'ମନା' ପକ୍ଷରୁ ଏକ ସଚେତନତା ଶିବିର ଆୟୋଜନ ସହ ଘଟଣା ବିଷୟରେ ସବିଶେଷ ବିବରଣୀ ଗ୍ରହଣ କରିବା ପାଇଁ ସିଦ୍ଧାନ୍ତ ନିଆଗଲା । ଏହାବ୍ୟତୀତ ବାଲେଶ୍ୱର ସହରକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ 'ମନା' ଅନ୍ୟ ସଂଗଠନମାନଙ୍କ ସହ ସହଯୋଗ କରିବ ବୋଲି ସର୍ବସମ୍ମତିକ୍ରମେ ସ୍ଥିର କରାଗଲା । ଏହି ସଭାରେ ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ସିଂହ, ତ୍ରିଦିବ ନାୟକ, ନିରଞ୍ଜନ ରାଉତ, ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ସୀତାରାମ ପ୍ରଧାନ, ପ୍ରଭାକର ସାହୁ (ଖ), ଭାରତୀ ପଣ୍ଡା, କଲ୍ୟାଣୀ ନନ୍ଦ, ବେଣୁଧର ସାହୁ, ରବିନାରାୟଣ ଭୋଳ, ଭାସ୍କର ଚନ୍ଦ୍ର ମିଶ୍ର, ସଚୀନ୍ଦ୍ର ଦାସ, ଗଙ୍ଗାଧର ପୃଷ୍ଟି, ଦୟାନିଧି ମହାପାତ୍ର, ପ୍ରସନ୍ନ ପାଢ଼ୀ, ଡ. ଲକ୍ଷ୍ମଣ ଚନ୍ଦ୍ର ବିଶ୍ୱାଳ, ସନାତନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅବନ୍ତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# କଂଗ୍ରେସର ମିଶ୍ରଣ ପର୍ବ

ବାଲେଶ୍ୱର, ୧୦।୧(ସମିସ): ବାଲେଶ୍ୱର ସଦର କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ବଇଁଚା ପଞ୍ଚାୟତରୁ ଶତାଧିକ ବିଜେପି କର୍ମୀ କଂଗ୍ରେସ ରେ ସାମିଲ ହୋଇଛନ୍ତି । ସଦର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ସରୋଜ ଲେଙ୍କାଙ୍କ ନେତୃତ୍ୱରେ ସମସ୍ତେ କଂଗ୍ରେସର ସଦସ୍ୟତା ଗ୍ରହଣ କରିଥିଲେ । ପୂର୍ବତନ ୱାର୍ଡ ସଭ୍ୟ ଜୟ କିଶୋର ତରେଇ ଏବଂ ୱାର୍ଡସଭ୍ୟ ପ୍ରାର୍ଥୀ ଶ୍ରୀପତି ମାଝୀଙ୍କ ସମେତ ମୋଟ ୧୧୨ଜଣ କଂଗ୍ରେସର ହାତ ଧରିଛନ୍ତି । ଅନନ୍ତ ମହାପାତ୍ରଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା, ପୂର୍ବତନ କାଉନସିଲର ଅନୁପ କୁମାର ସ୍ୱାଇଁ, ପ୍ରମୁଖ ଉପସ୍ଥିତ ରହି ନବାଗତ ମାନଙ୍କୁ ଦଳୀୟ ଉତ୍ତରୀ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ । ସଂଖ୍ୟାଲଘୁ କଂଗ୍ରେସ ନେତା ସେଖ ଅସଗର ଅଲ୍ଲି ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ସମିତି ସଭ୍ୟ ବିଜୟ ମାଝୀ ଧନ୍ୟବାଦ ଦେଇଥିଲେ ।

# ୧୦୮ ହନୁମାନ ଚାଳିଶା ମହାଯଜ୍ଞ

ବାଲେଶ୍ୱର, ୧୦ ।୧(ସମିସ): ବାଲେଶ୍ୱର ସହରର ଗାନ୍ଧୀ ସ୍ମୃତି ଭବନ ପରିସରରେ ୧୭ତମ ୧୦୮ ହନୁମାନ ଚାଳିଶା ନାମଯଜ୍ଞ କମିଟି ପକ୍ଷରୁ ଶ୍ରୀ ଶ୍ରୀ ହନୁମାନ ଚାଳିଶା ନାମଯଜ୍ଞ ସମ୍ପନ୍ନ ହୋଇଛି । ଏହି ଅବସରରେ ଶୁକ୍ରବାର ସକାଳେ ସ୍ଥାନୀୟ ଝାଡେଶ୍ୱର ମହାଦେବଙ୍କ ମନ୍ଦିର ପୁଷ୍କରିଣୀରୁ ଘଟୋତ୍ତଳନ ସହ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ବେଦଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ଶ୍ରୀ ଶ୍ରୀ ହନୁମାନଜୀଙ୍କ ଶୋଡ଼ଷ ଉପଚାର ପୂଜାନୀତି ଅନୁଷ୍ଠିତ ହୋଇଥିଲା । ହନୁମାନ ଚାଳିଶା କମିଟିର ଆବାହକ ଅନ୍ତର୍ଯ୍ୟାମୀ ପ୍ରଧାନ, ଅନୀଲ ଦାସ, ରବୀନ୍ଦ୍ର ନାଥ ବେହେରା, ଅଭୟ ଦାସ, ଶୀଳାବତୀ ଘୋଷାଲ, ଡମ୍ବୁରୁଧର ରାଉତ, ଡମ୍ବୁରୁ ରାଉତ, ଜଗନ୍ନାଥ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଦ୍ୟାଳୟସ୍ତରୀୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଘାଟିତ

ବାଲେଶ୍ୱର, ୧୦।୧(ସମିସ): ପବ୍ଲିକ ହାଇସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ତଥା ବାଲେଶ୍ୱର ଜିଲ୍ଲା ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ମିଳିତ ଆୟୋଜନରେ ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ କ୍ୟାମ୍ପୋରୀ ଉଦଘାଟିତ ହୋଇଯାଇଛି । ୧୦, ୧୧, ୧୨ ତିନିଦିନ ଧରି ହେବାକୁ ଥିବା ଏହି କ୍ୟାମ୍ପୋରୀରେ ଜିଲ୍ଲାର ୧୪୮ଟି ସ୍କୁଲରୁ ୭୩୦ ଜଣ ସ୍କାଉଟସ୍ ଏବଂ ଗାଇଡସ୍, ୧୪୮ ଜଣ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ ସମୁଦାୟ ୮୭୮ ଜଣ ଅଂଶଗ୍ରହଣ କରିଛନ୍ତି । ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଜିଲ୍ଲା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନୀଳଗିରି ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ଯୋଗଦେଇ କହିଥିଲେ, ୟୁନିଫର୍ମ ଏକ ବିଶ୍ୱାସ, ଏକ ଦାୟିତ୍ୱ । ଏହାର ମର୍ଯ୍ୟାଦା ରକ୍ଷା କରିବା ଆମର କର୍ତ୍ତବ୍ୟ । ରାଜ୍ୟ ଲିଡର ଟ୍ରେନର ସୁଦର୍ଶନ ପ୍ରଧାନ, ଜିଲ୍ଲା ସ୍କାଉଟ୍ କମିଶନର ପ୍ରଦୀପ ଦାସ, ଜିଲ୍ଲା ଗାଇଡ କମିଶନର ସୁମତି ମଣ୍ଡଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ସ୍କାଉଟସ୍ ଏବଂ ଗାଇଡସ୍ ସମ୍ପାଦକ ଚନ୍ଦ୍ରକାନ୍ତ ଘଡ଼ାଇ ବାର୍ଷିକ ବିବରଣୀ ପାଠ କରିଥଲେ । ସିନିୟର୍ ସ୍କାଉଟ୍ ମାଷ୍ଟର ନିତ୍ୟାନନ୍ଦ ପାତ୍ର ଧନ୍ୟବାଦ ଦେଇଥିଲେ ।




# ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲର ବାର୍ଷିକ କ୍ରୀଡ଼ା

ବାଲେଶ୍ୱର, ୧୦।୧(ସମିସ): ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଦିବସ ଚାନ୍ଦମାରି ପଡ଼ିଆରେ ଆୟୋଜିତ ହୋଇଥିଲା । ନର୍ସରୀ, ଏଲ୍‌କେଜି, ୟୁକେଜି, ଶ୍ରେଣୀ ୧ଠାରୁ ୫ ଏବଂ ଶ୍ରେଣୀ୬ ଠାରୁ ୧୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସବ୍‌ଜୁନିୟର, ଜୁନିୟର ଓ ସିନିୟର ଗୋଷ୍ଠୀରେ ବିଭକ୍ତ ହୋଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ଲେମନ୍ ସ୍ପୁନ୍ ରେସ୍, ସ୍ୟାକ୍ ରେସ୍, ୫୦ ମିଟର, ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ସଟ୍ ପୁଟ୍, ଡିସ୍କସ୍ ଥ୍ରୋ, ସ୍କିପିଂ, ଫ୍ରଗ୍ ଜମ୍ପ, ମ୍ୟୁଜିକ୍ ଚେୟାର ଓ କ୍ୱିକ୍ ମାଥ୍ସ ରେସ୍ ପରି ଆକର୍ଷଣୀୟ ଇଭେଣ୍ଟ ଆୟୋଜିତ ହୋଇଥିଲା । ଶିକ୍ଷକ ଓ କର୍ମଚାରୀମାନେ ସମଗ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ଭୂମିକା ନିଭାଇଥିଲେ । କ୍ରୀଡ଼ାବିତ୍ ରାମ ପ୍ରକାଶ ପାଣ୍ଡେ , ପିଲାମାନଙ୍କୁ ଶୃଙ୍ଖଳାର ସହିତ ଖେଳିବାରେ ଆଜି ଅନନ୍ୟ ଭୂମିକା ନିଭାଇ ଥିଲେ ।



# ପୂର୍ବୋତ୍ତର ସମ୍ଭାଗ ୧୩ତମ ଖେଳକୁଦ ସମାରୋହ ଉଦ୍‌ଘାଟିତ



ବାଲେଶ୍ୱର, ୧୦।୧(ସମିସ): ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାର ପୂର୍ବୋତ୍ତର ସମ୍ଭାଗସ୍ତରୀୟ ୧୩ତମ ଖେଳକୁଦ ସମାରୋହ ସହରର ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ସ୍ଥାନୀୟ ପରମିଟ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି । ସେବା ନିବୃତ୍ତ ସେନା ଅଧିକାରୀ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଖେଳକୁଦ ସମାରୋହର ଆରମ୍ଭ ନେଇ ଘୋଷଣା କରିଥିଲେ । ଶିକ୍ଷା ବିକାଶ ସମିତିର ସମ୍ଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ ଏଥିରେ ସ୍ୱାଗତ ଭାଷଣ ପ୍ରଦାନ ସହିତ ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷା ବିକାଶ ସମିତି ଓଡ଼ିଶାର ପୂର୍ବୋତ୍ତର ସମ୍ଭାଗ ସଦସ୍ୟା ସୌନ୍ଦର୍ଯ୍ୟ ଲକ୍ଷ୍ମୀ ମହାନ୍ତି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁଙ୍କ ପୂର୍ଣ୍ଣ ବିକାଶରେ କ୍ରୀଡ଼ାର ମହତ୍ୱ ସହିତ ବିଦ୍ୟା ଭାରତୀର ପାଞ୍ଚ ଆଧାରଭୂତ ବିଷୟ ସମ୍ବନ୍ଧରେ କ୍ରୀଡା ପ୍ରତିଯୋଗୀମାନଙ୍କୁ ବୁଝାଇଥିଲେ । ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା ସମିତି ସଭାପତି ଭବେନ୍ଦ୍ର କୁମାର ରାଉତ ଉଦଘାଟନୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ମିନତିରାଣୀ ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶିକ୍ଷା ବିକାଶ ସମିତିର ପୂର୍ବୋତ୍ତର ସମ୍ଭାଗର ଅନ୍ୟତମ ସଦସ୍ୟା ଜେମାମଣି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଖେଳକୁଦ ସମାରୋହରେ ପୂର୍ବୋତ୍ତର ସମ୍ଭାଗ ଅନ୍ତର୍ଗତ ୧୦ଟି ସଂକୁଳର ୨୨୫ଜଣ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ଏହାକୁ ୨୫ଜଣ ପରିଚାଳକ ପରିଚାଳନା କରୁଛନ୍ତି ।

## ବ୍ରାଉନସୁଗର ଜବତ ବେଳେ ପୁଲିସକୁ ପଥର ମାଡ଼ ଘଟଣା

# ପୁଲିସର ଅତର୍କିତ ଚଢ଼ଉ, ୧୦ ମହିଳା ଗିରଫ

ବାଲେଶ୍ୱର, ୧୦ ।୧(ସମିସ)



ବାଲେଶ୍ୱରର ଅରଡବଜାର ଅଞ୍ଚଳ ବ୍ରାଉନସୁଗର କାରବାରର ପେଣ୍ଠସ୍ଥଳୀ ପାଲଟିଛି । ଏଠାରେ ବାରମ୍ବାର ଚଢ଼ଉ ସତ୍ତ୍ୱେ ବ୍ରାଉନସୁଗର କାରବାର କମିବା ବଦଳରେ ବଢ଼ିଚାଲିଛି । ଗତ ଶୁକ୍ରବାର ଦିନ ପୁଲିସ ଅରଡବଜାର ଅଞ୍ଚଳରୁ ୬୮ ଗ୍ରାମର ବ୍ରାଉନସୁଗର ଜବତ କରିବା ସହ ଦୁଇଜଣକୁ ଗିରଫ କରିଥିଲା । ପୁଲିସ ଚଢ଼ଉ କରିବାକୁ ଉକ୍ତ ଅଞ୍ଚଳକୁ ଯାଇଥିବେଳେ ପୁଲିସ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ସେମାନେ ପୁଲିସ ଉପରକୁ ଆକ୍ରମଣ କରିବାକୁ ମଧ୍ୟ ପଛାଇ ନ ଥିଲେ । ପୁଲିସ ଉପରକୁ ଢ଼େଲାପଥର ମାଡ କରିଥିଲେ । ପୁଲିସ ଉପରକୁ ଆକ୍ରମଣ କରିବା ଘଟଣାରେ ସହଦେବଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ତେବେ ଏହି ମାମଲା ଉପରେ ଆଜି ପୁଲିସ ଆକ୍ସନ ନେଇଛି । ଆଜି ସକାଳେ ସହଦେବଖୁଣ୍ଟା ପୁଲିସର ଏକ ଟିମ ଘଟଣା ସ୍ଥଳରେ ଚଢ଼ାଉ କରିଥିଲା । ଏହି ଚଢ଼ାଉ ବେଳେ ପୁଲିସ ଆକ୍ରମଣକାରୀଙ୍କୁ ଖୋଜିଥିଲା । ପୁଲିସକୁ ଦେଖି ସ୍ଥାନୀୟ ଲୋକେ ଛତ୍ରଭଙ୍ଗ ଦେଇଥିବା ବେଳେ ପୁଲିସ ଗୋଡେଇ ଗୋଡେଇ ପାଖାପାଖି ୩୦ରୁ ଅଧିକ ମହିଳାଙ୍କୁ ଅଟକ ରଖିଥିଲା । ଏହି ଘଟଣାରେ ଉଠାଇଥିବା କିଛି ମହିଳାଙ୍କର ଛୋଟ ପିଲାଥିବା ବେଳେ କିଛି ଅନ୍ୟ କାରଣ ପାଇଁ ପାଖାପାଖି ୨୦ରୁ ଅଧିକ ମହିଳାଙ୍କୁ ନୋଟିସ ଦେଇ ଛଡା ଯାଇଛି । ଅନ୍ୟପଟେ ୧୦ଜଣ ଆକ୍ରମଣକାରୀ ମହିଳାଙ୍କୁ ପୁଲିସ ଗିରଫ କରିଛି ବୋଲି ସହଦେବଖୁଣ୍ଟା ଥାନା ଅଧିକାରୀ ବିରଞ୍ଚି ସାହୁ ସୂଚନା ଦେଇଛନ୍ତି । ପୁଲିସକୁ ଆକ୍ରମଣ କରି ଗିରଫ ହୋଇଥିବା ମହିଳାମାନେ ହେଲେ ଗଳାପୋଲ ଅଞ୍ଚଳର ରାସିଦା ବିବି(୪୫), ଆଶୀୟା ବିବି(୫୦), ସାହିଦା ବିବି(୩୮), କୋହିନୂର ବେୱା(୭୦), ମାର୍ଜିନା ବିବି(୨୮), ସୁବେରା ବେୱା(୪୮), ଆମାତୁନ ବିବି(୫୦), ସାମିନା ବିବି(୪୫), ହୁରଜାହାନ ବେୱା(୪୦) ଏବଂ ସାରିନା ବିବି(୪୫) ।

ଏ ନେଇ ସିଟି ଡିଏସପି ନିର୍ମାଳା ଗୋଛାୟତଙ୍କ କହିବା ଅନୁସାରେ, ଗତକାଲି ଏଠାରେ ଏକ ବ୍ରାଉନସୁଗାର ଜବତ ପାଇଁ ଚଢ଼ଉ ହେଉଥିଲା । ଏହି ସମୟରେ ସ୍ଥାନୀୟ ମହିଳାମାନେ ପୁଲିସ ଉପରକୁ ଟେକା ପଥର ପକାଇବା ସହ ସେମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ । ବ୍ରାଉନସୁଗର ଚଢ଼ାଉ ବେଳେ ଦୋଷୀକୁ ଖସାଇ ନେବାକୁ ଉଦ୍ୟମ କରୁଥିବା ବେଳେ ସେମାନେ ପୁଲିସ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ ବୋଲି କହିଛନ୍ତି ।



### ଧାନମଣ୍ଡି ଖୋଲିବା, ସ୍ମାର୍ଟ ମିଟର ବ୍ୟବସ୍ଥା ରଦ୍ଦ ଓ ମନରେଗା ପୁନଃ କାର୍ଯ୍ୟକାରୀ ଦାବି

# ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ ଦେଲା କଂଗ୍ରେସ

ବାଲେଶ୍ୱର, ୧୦ ।୧(ସମିସ)




କେନ୍ଦ୍ର ଓ ଓଡ଼ିଶା ସରକାର ଜନ ବିରୋଧୀ ଆଇନ ପ୍ରଣୟନ କରି ତୁଚ୍ଛାରେ ଆତ୍ମ ବଡ଼ିମା ଦେଖାଉଛନ୍ତି । ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ ମହାନ୍ତି ଏଭଳି ଅଭିଯୋଗ କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀ, ବିଦ୍ୟୁତ ଉପଭୋକ୍ତା ଓ ମନରେଗା ଯୋଜନାକୁ ପୂର୍ବ ଭଳି କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି । ସରକାର ନିଜ ନୀତି ରେ ତୁରନ୍ତ ସଂଶୋଧନ ନ କଲେ ପ୍ରଦେଶ କଂଗ୍ରେସର ପରାମର୍ଶ କ୍ରମେ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତର ରେ କଂଗ୍ରେସ ଦଳ ଓଡ଼ିଶାବାସୀଙ୍କୁ ସଚେତନ କରି ଏକ ଜନ ଆନ୍ଦୋଳନ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛି । ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସୁଧୁରି ଯିବାକୁ ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି ।

ଶ୍ରୀ ମହାନ୍ତି କହିଥିଲେ କି ୟୁପିଏ ସରକାର ଦେଶର ଅଣ କୁଶଳୀ ଶ୍ରମିକ ବିଶେଷ କରି ତଫସିଲଭୁକ୍ତ ଜାତି, ତଫସିଲ ଭୁକ୍ତ ଉପଜାତି ଓ ଓବିସିର ଗ୍ରାମୀଣ ଲୋକଙ୍କୁ ୩୬୫ ଦିନ ମଧ୍ୟରୁ ୧୦୦ଦିନ ନିଶ୍ଚିତ କର୍ମ ନିଯୁକ୍ତି ଦେବା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ଥିଲେ । ମାତ୍ର ମୋଦି ସରକାର ମନରେଗାର ଆଇନକୁ ପ୍ରତ୍ୟାହାର କରିନେଇ ଭି ଭି ରାମ ଜୀ ନାମରେ ଏକ ଯୋଜନା ପ୍ରଣୟନ କରି ଏଥିପାଇଁ ବଜେଟରେ ନିର୍ଦ୍ଦିଷ୍ଟ ପରିମାଣ ର ଅର୍ଥ ବ୍ୟୟ ବରାଦ କଲେ । ଯାହା ୟୁପିଏ ସରକାରଙ୍କ ଅମଳ ରେ ଆବଶ୍ୟକ ପଡ଼ିଲେ ଅଧିକ ଅର୍ଥ ଦେବାର ବ୍ୟବସ୍ଥା ସହ ଶ୍ରମିକ ଲଗାତାର ଭାବେ ପନ୍ଦର ଦିନ କାମ ନ ପାଇଲେ ମଧ୍ୟ ଅର୍ଥ ଦାବି କରିବାର ବ୍ୟବସ୍ଥା ଥିଲା । ଯାହାକୁ ମୋଦି ସରକାର ନୂତନ ଯୋଜନାରୁ ବାଦ ଦେଇଛନ୍ତି ଫଳରେ ଗରିବ ଶ୍ରମିକ ଆଉ କାମ ନ ପାଇଲେ ମଧ୍ୟ ପାରିଶ୍ରମିକ ଦାବି କରିପାରିବ ନାହିଁ । ପଞ୍ଚାୟତରେ ପଲ୍ଲୀସଭା ମାଧ୍ୟମ ରେ ଲୋକଙ୍କ ବିକାଶ ଓ ଭିତ୍ତିଭୂମି ର ବିକାଶ ପାଇଁ ଆଲୋଚନା କରି ନିଷ୍ପତ୍ତି ବ୍ୟବସ୍ଥା ଥିଲା ବେଳେ ଭି ଭି ରାମ ଜୀ ଯୋଜନାରେ ଦିଲ୍ଲୀରେ ବସି ପଲ୍ଲୀ ର ବିକାଶ ଯୋଜନା କରିବାକୁ ନିଷ୍ପତ୍ତି ନିଆଯାଇଛି ଏହାର ଅର୍ଥ କେନ୍ଦ୍ର ସରକାର କ୍ଷମତା ବିକେନ୍ଦ୍ରି କରଣ ନ କରି କ୍ଷମତାକୁ ନିଜ ପାଖରେ ଠୁଳ କରିବାକୁ ଚାହୁଁଛନ୍ତି ବୋଲି ପ୍ରମାଣ କରିଛନ୍ତି । ସେହିପରି ଅଭାବୀ ଧାନ ବିକ୍ରି କୁ ରୋକିବାକୁ ନିର୍ବାଚନ ପୂର୍ବରୁ ରାଜ୍ୟ ବିଜେପି ନେତାମାନେ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ଥିଲା ବେଳେ ଏବେ ସୁଦ୍ଧା ବାଲେଶ୍ୱର ଜିଲ୍ଲାରେ ମଣ୍ଡି ଖୋଲି ପାରିନାହିଁ ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି । ମୋହନ ସରକାର ମିଲ ମାଲିକଙ୍କ ଉପରେ ଦୋଷ ଲଦି ଖସିଯିବାକୁ ଯୋଜନା କରିବା ସହ ମିଲର ମାନଙ୍କୁ ଆନ୍ଦୋଳନ କରିବାକୁ ପରାମର୍ଶ ଦେଇ ଚାଷୀଙ୍କଠାରୁ ଧାନ ନ କିଣିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ଫଳରେ ଦଲାଲ ମାନଙ୍କୁ ଚାଷୀ ଅଳ୍ପ ଦରରେ ଧାନ ବିକିବାକୁ ବାଧ କରୁଛନ୍ତି । ଯୋଗାଣ ଓ ସଧାରଣ ବଣ୍ଟନ ବିଭାଗ ମନ୍ତ୍ରୀ ଓ ସମବାୟ ମନ୍ତ୍ରୀଙ୍କ ବିବୃତ୍ତିରେ କୌଣସି ତାଲମେଳ ରହୁ ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ନୀରବ ଦ୍ରଷ୍ଟା ସାଜିଛନ୍ତି । ଚାଷୀ ସରକାରଙ୍କ ଷଡ଼ଯନ୍ତ୍ରକୁ ବୁଝି ସାରିଲେଣି । ଏହା ବ୍ୟତୀତ ଏବେ ଡିଜିଟାଲ ମିଟର ଚାରି ବର୍ଷ ପରେ ପରିବର୍ତ୍ତନ କରି ସ୍ମାର୍ଟ ମିଟର ଲଗାଇ ଅଦାନୀ ଗ୍ରୁପକୁ ସାହାଯ୍ୟ କରିବାକୁ ଆଗଭର ହୋଇଛି । ଏବେ ଅଦାନୀ ଗ୍ରୁପ ସ୍ମାର୍ଟ ମିଟର ଲଗାଇବ ଓ ରାଜ୍ୟ ସରକାର ସ୍ମାର୍ଟ ମିଟର ପାଇଁ ୪୩୫ କୋଟି ଟଙ୍କା ଅଦାନୀକୁ ଦେଇ କମିଶନି କାରବାର ପାଇଁ ଷଡଯନ୍ତ୍ର କରୁଛନ୍ତି ବୋଲି ଶ୍ରୀ ମହାନ୍ତି କହିବା ସହ ଓଡ଼ିଶାରୁ ଉତ୍ପାଦିତ ବିଦ୍ୟୁତ ଶକ୍ତି ର ମାତ୍ର ଆଠ ପ୍ରତିଶତ ସାଧାରଣ ଉପଭୋକ୍ତା ଓ ଦୁଇ ପ୍ରତିଶତ ଚାଷୀ ବ୍ୟବହାର କରୁଛନ୍ତି ଅବ ଶିଷ୍ଟ ଶକ୍ତି କୁ ଶିଳ୍ପପତି ଙ୍କୁ ରିହାତି ଦର ରେ ବିକ୍ରି କରୁଛନ୍ତି । ପଞ୍ଜାବ ଝାରଖଣ୍ଡ ଓ ତେଲେଙ୍ଗାନା ସରକାର ଚାଷୀଙ୍କୁ ମାଗଣା ଶକ୍ତି ସରକାର ଦେଉଥିବା ବେଳେ ବିଜେପି ଦଳ ତିନିଶହ ୟୁନିଟ ମାଗଣା ବିଦ୍ୟୁତ ପ୍ରଦାନର ପ୍ରତିଶ୍ରୁତି ଗଲା କୁଆଡେ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସରୋଜ କୁମାର ଲେଙ୍କା, ଦେବଦତ୍ତ ଦାସ, ନିଶିତ୍ ବାରିକ, ତୁଷାରକାନ୍ତି ତପସୀ, ଆଶିଷ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ନାଟକ 'କାହାଣୀ ଲାଗୁଛି ନୂଆ ନୂଆ' ମଞ୍ଚସ୍ଥ

ଭୋଗରାଇ, ୧୦।୧ (ସମିସ): ଭୋଗରାଇ ବ୍ଲକ ନିମାତପୁର ପଞ୍ଚାୟତ କୁଚିଲାଡାଙ୍ଗ ଗ୍ରାମର ତାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ନାଟକ 'କାହାଣୀ ଲାଗୁଛି ନୂଆ ନୂଆ' ମଞ୍ଚସ୍ଥ ହୋଇଯାଇଛି । ସମ୍ପ୍ରତି ସାମାଜିକ ଜୀବନର ବାପା ପ୍ରତି ପୁଅର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସହ ଏହା ପ୍ରତି ସାମାଜିକ ସଚେତନତା ସୃଷ୍ଟି ଦିଗରେ ଏହା ବେଶ୍ ପ୍ରଭାବଶାଳୀ ବୋଲି ଦର୍ଶକମତ ପ୍ରକାଶ ପାଇଛି । ଅଷ୍ଟମ ଓ ନବମ ଶ୍ରେଣୀର କୁନି କୁନି କଳାକାରମାନଙ୍କର ନିଖୁଣ ଓ ଜୀବନ୍ତ ଅଭିନୟ ଦର୍ଶକମାନଙ୍କୁ ଖୁବ୍ ଅମୋଦିତ କରିଥିଲା । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପର୍ଶୁରାମ ଦାସଙ୍କ ରଚିତ ଓ କ୍ରୀଡା ଶିକ୍ଷକ ଚନ୍ଦନ ଜେନାଙ୍କ ବଳିଷ୍ଠ ନିର୍ଦ୍ଦେଶନା ଖୁବ୍ ଉଚ୍ଚକୋଟୀର ଥିଲା ଓ ଛାତ୍ରଛାତ୍ରୀଙ୍କର ଏଭଳି ଉଚ୍ଚକୋଟୀର ଅଭିନୟକୁ ପ୍ରଧାନଶିକ୍ଷୟିତ୍ରୀ, କମିଟିର ସଭାପତି ସମେତ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

## କମ୍ପ୍ୟୁଟର ସାର୍ଟିଫିକେଟ ସମ୍ବନ୍ଧୀୟ କର୍ମଶାଳା

ବାଲେଶ୍ୱର, ୧୦ ।୧(ସମିସ): ଏନସିଭିଇଟି ଅନୁମୋଦିତ ଓ ଏସଏସସି ନାସକମ କଂପ୍ୟୁଟର ସାର୍ଟିଫିକେଟ ସମ୍ବନ୍ଧୀୟ ଏକ କର୍ମଶାଳା ଖଇରାସ୍ଥିତ ଇଏଲଏସ କଂପ୍ୟୁଟର ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଇଏଲଏସ କଂପ୍ୟୁଟର ଏକାଡେମୀର ପରିଚାଳନା ନିର୍ଦ୍ଦେଶିକା କମଳିନୀ ମହାପାତ୍ର ସଭା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଶିକ୍ଷାବିତ ଶ୍ୟାମସୁନ୍ଦର ପଣ୍ଡା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଶେଷରେ ଓସିଏସର ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ପତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ସରକାରୀ ସାର୍ଟିଫିକେଟର ଆବଶ୍ୟକତା ଓ ଏସଏସି ନାସକାମ ସମ୍ପର୍କରେ ଆଲୋଚନା କରିଥିଲେ । ଓସିଏର ସଞ୍ଚାଳିକା ସଙ୍ଗିତା ପତି ଧନ୍ୟବାଦ ଦେଇଥିଲେ ।

## ମେଡିକାଲ କଲେଜ ଓ ହସ୍ପିଟାଲରେ ଅଧିକ ପିଜି ସିଟ୍ ଖୋଲିବା ଦାବି

ବାଲେଶ୍ୱର, ୧୦ ।୧(ସମିସ): ବିଭିନ୍ନ ମେଡିକାଲ କଲେଜରେ ଓଡ଼ିଶା ସରକାରଙ୍କର ୫୦୨ଟି ଡାକ୍ତରୀ ପିଜି ସିଟ୍ ବଢ଼ିବାର ପ୍ରସ୍ତାବ ଥିବା ବେଳେ ବାଲେଶ୍ୱରର ନାମ ନଥିବାରୁ ଆଜି ମେଡିକାଲ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ସାପ୍ତାହିକ ବୈଠକରେ ଉଦବେଗ ପ୍ରକାଶ ପାଇଛି । ଯଦିଓ ଫକୀରମୋହନ ମେଡିକାଲ କଲେଜରେ ପୂର୍ବରୁ ପ୍ରସୂତି ବିଭାଗରେ୨ଟି, ନାସା କର୍ଣ୍ଣ ଗଳା ବିଭାଗରେ ୨ଟି ଓ ନିଶ୍ଚେତକ ବିଭାଗରେ ଗୋଟିଏ ପିଜି ସିଟ ପାଇଁ ଅନୁମୋଦନ ହୋଇଛି ତଥାପି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା କାର୍ଡ଼ିଓଲୋଜି, ନ୍ୟୁରୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି, ଆଇପିଏମଆର ଆଦି ବିଭାଗରେ ପିଜି ସିଟ ଖୋଲାଯାଇ ନାହିଁ । ଏ ସମସ୍ତ ବିଭାଗରେ ପିଜି ସିଟ ଖୋଲିବା ପାଇଁ ଓଡ଼ିଶା ସରକାର ପୁନର୍ବିଚାର କରି ଫକୀରମୋହନ ମେଡିକାଲ କଲେଜରେ ପିଜି ସିଟ୍ ବଢ଼ାଇବାର ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି ।

● ବାବା ଲଙ୍କେଶ୍ୱର ଆନ୍ତଃଜିଲ୍ଲା କ୍ରିକେଟ

## ତୃତୀୟ କ୍ୱାର୍ଟରରେ ଭଦ୍ରକ ସୂର୍ଯ୍ୟଶିଖା ବିଜୟୀ

ଖଇରା, ୧୦ ।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡ଼ିଆରେ ଚାଲିଥିବା ବାବା ଲଙ୍କେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲରେ ଭଦ୍ରକର ସୂର୍ଯ୍ୟଶିଖା କ୍ଲବ ବାରିପଦାର ଡିଆରକେ କ୍ଲବକୁ ୭ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଡିଆରକେ ୪ଉଟେକେଟ ହରାଇ ୨୨ ଓଭରରେ ୧୯୪ ରନ ସଂଗ୍ରହ କରିଥିଲା । ଜବାବରେ ସୂର୍ଯ୍ୟଶିଖା ୧୯.୪ ଓଭରରେ ମାତ୍ର ୩ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ଘୋଷିତ ହୋଇଥିଲା । ଅଭିମନ୍ୟୁ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି, କମିଟିର ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ରାଉଳ, ରଣଜିତ ଜେନା ଓ କ୍ଷେତ୍ରମୋହନ ରାଉଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ହେମନ୍ତ ଜେନା, ଉଦୟଭାନୁ ପତି, ଦିନେଶ ଜେନା, ଗଗନ ଜେନା, ଦୟାନିଧି ପାଲ, ଭରତ ମହାରଣା, ନାରାୟଣ ଜେନା, ପର୍ଶୁରାମ ମହାକୁଡ, ସୁଶାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ବାବା ସୋମନାଥ ସ୍ୱାଭିମାନ ବର୍ଷ



ନୀଳଗିରି, ୧୦।୧ (ସମିସ): ଆଜି ଭାରତର ପ୍ରମୁଖ ଜ୍ୟୋତିର୍ଲିଙ୍ଗ ତଥା ଗୁଜୁରାଟର ପ୍ରସିଦ୍ଧ ସୋମନାଥ ମନ୍ଦିର ଆକ୍ରମଣର ୧୦୦୦ବର୍ଷ ଏବଂ ମନ୍ଦିର ନିର୍ମାଣର ୭୫ବର୍ଷ ପୂରଣ ହେଉଅଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଆହ୍ୱାନ କ୍ରମେ ଚଳିତ ବର୍ଷକୁ 'ସୋମନାଥ ସ୍ୱାଭିମାନ ବର୍ଷ'ରୂପେ ପାଳନ କରାଯାଉଅଛି । ଏହି ଅବସରରେ ଆଜି ବିଜେପି ଯୁବମୋର୍ଚ୍ଚା, ନୀଳଗିରି ତରଫରୁ ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ଉପ ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ନୀଳଗିରି ନଗରର ଶଙ୍କରା ଖୁଣ୍ଟା ପୋଖରୀ ସ୍ଥିତ ବାବା ତାରକେଶ୍ୱର ଶିବ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ଓଁ କାର ମନ୍ତ୍ର ଜପ ସହ ପ୍ରଦୀପ ପ୍ରଜ୍ୱଳନ କରି 'ବାବା ସୋମନାଥ ସ୍ୱାଭିମାନ ବର୍ଷ' ପାଳନ କରାଯାଇଛି । ଏହା ସହିତ ଯୁବ ମୋର୍ଚ୍ଚାର ସଦସ୍ୟମାନେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଆଶୁ ଆରୋଗ୍ୟ କାମନା କରି ଭଗବାନଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ଯୁବମୋର୍ଚ୍ଚାର ଗୋପୀବଲ୍ଲଭ ରାଉତ, ଆଲୋକ ବାରିକ, ଉମାକାନ୍ତ ଦାସ, ଦିବ୍ୟଜ୍ୟୋତି, ଦେବରଞ୍ଜନ ସ ପ୍ରମୁଖ ଉପସ୍ଥିତ ରହିଥିଲେ ।

## କୁଳଡିହାରୁ ପୁଣି ଦୁଇ ଶିକାରୀ ଗିରଫ

ନୀଳଗିରି, ୧୦।୧ (ସମିସ): କୁଳଡିହା ଅଭୟାରଣ୍ୟରୁ ପୁଣି ଦୁଇ ଶିକାରୀଙ୍କୁ ଧରାଇଦେଲା ଏଆଇ କ୍ୟାମେରା । କିଛି ଦିନ ପୂର୍ବରୁ ମଙ୍ଗଳପୁର ବିଟ୍ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା ଏ.ଆଇ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ନୀଳଗିରି ଥାନା ଅଧିନସ୍ଥ କାଣ୍ଡଗରଡି ପଞ୍ଚାୟତର କାଣ୍ଡଗରଡି ଗ୍ରାମର ରାମଚନ୍ଦ୍ର ପାତ୍ରଙ୍କ ପୁଅ ବାବୁ ପାତ୍ର (୪୮) ଓ ଉକ୍ତ ଗ୍ରାମର ମହେଶ୍ୱର ପାତ୍ରଙ୍କ ପୁଅ ଜଳଧର ପାତ୍ର (୬୭) ଜଙ୍ଗଲକୁ ଠେକୁଆ ଶିକାର ପାଇଁ ଗତ ନଭେମ୍ବର ମାସରେ କୁଳଡିହା ଅଭୟାରଣ୍ୟ ମଙ୍ଗଳପୁର ବିଟ୍ ଅଞ୍ଚଳକୁ ଯାଇଥିଲେ । ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା ଏ.ଆଇ କ୍ୟାମେରାରେ କଏଦ ହୋଇଥିବା ଏମାନଙ୍କ ଫଟୋ ରୁଟିନ୍ ଚେକ୍ ସମୟରେ ଘଟଣା ଜଣାପଡ଼ିବା ପରେ ସେମାନଙ୍କ ସନ୍ଧାନ କରିଥିଲା ବନବିଭାଗ । ପରେ ଶନିବାର ଏହି ଦୁଇଶିକାରୀଙ୍କୁ ବନବିଭାଗ ୧୬/୨୫-୨୬ ମାମଲା ରୁଜୁ କରି ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି ।

## ସୂଚନା, ଶିକ୍ଷା, ବ୍ୟବହାର ପରିବର୍ତ୍ତନ ଓ ଯୋଗାଯୋଗ ଅଭିଯାନ

ସୋର, ୧୦।୧(ସମିସ): ସୋର ବ୍ଲକ ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସତ୍ୟ ସ୍ୱରୂପ ସିଂହଙ୍କ ଅଧକ୍ଷତାରେ ସୂଚନା, ଶିକ୍ଷା, ବ୍ୟବହାର ପରିବର୍ତନ ଓ ଯୋଗାଯୋଗ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲୋକମାନଙ୍କୁ ମଧ୍ୟରେ ସଚେତନ ସୃଷ୍ଟି



କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଡାକ୍ତର ସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ଯୋଜନା ତଥା ସ୍ୱଚ୍ଛ ଭାରତ ଅଭିଯାନ, ମହିଳା ସଶକ୍ତି କରଣ, କିଶୋର କିଶୋରୀଙ୍କ ସ୍ୱାସ୍ଥ୍ୟ ଓ ନିଶା ନିବାରଣ ବିଷୟରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରୋଗୀ କଲ୍ୟାଣ ସମିତିର ସଭ୍ୟ ନିତ୍ୟାନନ୍ଦ କର, ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ଡାକ୍ତରଖାନା ର ପରୀକ୍ଷାଗାର ଅଧିକାରୀ ସଦାଶିବ ନାଥ, ଅନନ୍ତପୁର ଫାଣ୍ଡି ଅଧିକାରୀଙ୍କ ସମେତ ଡାକ୍ତରଖାନାର ସମସ୍ତ କର୍ମଚାରୀ, ଆଶାକର୍ମୀ ଏବଂ ସେ ଅଞ୍ଚଳର ବୁଦ୍ଧିଜୀବୀ, ସ୍କୁଲ ପିଲାଙ୍କ ସହିତ ବ୍ଲୁ ଷ୍ଟାର କ୍ଲବ ଓ କିଛି କମ୍ୟୁନିଟି ସେଣ୍ଟରର ଯୁବକ ବନ୍ଧୁମାନେ ଉପସ୍ଥିତ ଥିଲେ ।

## ସାନପାଟପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ



ନୀଳଗିରି, ୧୦।୧ (ସମିସ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବାଉଁଶବଣିଆ ଗ୍ରାମ ପଞ୍ଚାୟତ ଅଧୀନ ସାନପାଟପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ହୀରକ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବ ବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଡ. ଉପେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପୂର୍ବତନ ଶିକ୍ଷକ ତଥା ସାହିତ୍ୟିକ ପ୍ରତାପ ଚନ୍ଦ୍ର ଚୈଧୁରୀ ପତାକା ଉତ୍ତୋଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । ଛାତ୍ର ସଂସଦର ସମ୍ପାଦକ ଦିପକ ବେହେରା ବିବରଣୀ ପଠନ କରିଥିଲେ । ମୁଖ୍ୟଅତିଥି ପୂର୍ବତନ ଔପଦା ବ୍ଲକର ଚେୟାରମ୍ୟାନ ରାମଚନ୍ଦ୍ର ବେହେରା ମୁଖ୍ୟବକ୍ତା କବି ସମାଲୋଚକ ଶରତ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ, ପୁରାତନ ଶିକ୍ଷକ ହୃଷିକେଶ ପଣ୍ଡା ସହିତ ଅନ୍ୟ ବହୁ ଗୁରୁଜି ଗୁରୁମା ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜନ୍ମଜୟ ପଟ୍ଟନାୟକ, ବିଦ୍ୟାଧର ପ୍ରଧାନ, ଦେବାଶିଷ ପାଣି, ଶନୈଶ୍ଚରଞ୍ଜନ ବେହେରା ମନୋରଞ୍ଜନ ମହାନ୍ତି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ପୁରାତନ ଛାତ୍ରୀ ଜ୍ୟୋତିଶ୍ରୀ ପାଣି ମଞ୍ଚ ଆହ୍ୱାନ କରିଥିଲେ । କୋଷାଧ୍ୟକ୍ଷ କପିଳେନ୍ଦ୍ର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ଦିନରେ ୮ ଧାନମଣ୍ଡି ଖୋଲିଲା

ଖଇରା, ୧୦ ।୧ (ସମିସ): ଖଇରା ବ୍ଲକରେ ଗୁରୁବାର ଓ ଶନିବାର ୨ଦିନ ଧରି ୮ଟି ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇ ଯାଇଛି । ଏଥିରେ ସିମୁଳିଆ ବିଧାୟକ ତଥା ରାଜ୍ୟ ପବ୍ଲିକ ଅଣ୍ଡଟେକିଂ କମିଟି ଅଧକ୍ଷ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ସମିତି ସଭାପତି ଗଣେଷ ପ୍ରସାଦ ମହାପାତ୍ର, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ଓ ସଭ୍ୟା ରଶ୍ମିତା ମହାପାତ୍ର, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଖଇରା ଶାଖା ପରିଚାଳକ ଯଦୁନାଥ ସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶନିବାର ପ୍ରଥମେ ହରିପୁର ସେବା ସମବାୟ ସମିତିରେ ସମ୍ପାଦକ ଶୁଭଦା ଶଙ୍କର ମହାନ୍ତି, ସହ-ସମ୍ପାଦକ କାର୍ତ୍ତିକ କୁମାର ବେହେରା ସଭାପତି ଆନନ୍ଦ ଚରଣ ଜେନାଙ୍କ ତତ୍ତ୍ୱାବଧାନରେ ଧାନକିଣା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ପରେ ଗଡ଼ପୋଖରୀ ସମିତିରେ ସମ୍ପାଦିକା ଶ୍ରଦ୍ଧାଞ୍ଜଳି ବିଶ୍ୱାଳ ଓ ସଭାପତି ପ୍ରଦୀପ କୁମାର ଜେନା ଏବଂ ଖଇରା ସେବା ସମବାୟ ସମିତିରେ ସମ୍ପାଦକ ଶ୍ରୀକାନ୍ତ ପଲେଇ ଓ ସଭାପତି ସୌମ୍ୟ ରଞ୍ଜନ ନାୟକ ତଥା ସମସ୍ତ ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଣ୍ଡିର ପୂଜାର୍ଚ୍ଚନା କରାଯାଇଥିଲା । ଏହାଛଡା ଗୁରୁବାର ଦିନ ବିଧାୟକ ତଥା ଅନ୍ୟ ଅତିଥି ମାନଙ୍କ ଦ୍ୱାରା ବର୍ତ୍ତନା, ଗୋବିନ୍ଦପୁର, ଗଗନଧୂଳୀ, କୁରୁଣ୍ଟା ଓ ମିର୍ଜାପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇଛି । ବର୍ତ୍ତନାରେ ସମ୍ପାଦକ ଅକ୍ଷୟ କୁମାର ରାଉତ, ସଭାପତି ନିରଞ୍ଜନ ମହାପାତ୍ର, ସରପଞ୍ଚ ବୀଣାପାଣି ପଣ୍ଡା ଓ ରିନାକ୍ଷୀଲତା ନାୟକ, ସମିତିସଭ୍ୟା ରଶ୍ମିବାଳା କର ଉପସ୍ଥିତ ଥିବା ବେଳେ ଗୋବିନ୍ଦପୁରରେ ସମ୍ପାଦକ ପ୍ରଫୁଲ୍ଲ ଖଣ୍ଡା, ସଭାପତି ରବୀନ୍ଦ୍ର ବେହେରା ଓ ପରିଚାଳନା ବୋର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ସେହିଭଳି ଗଗନଧୂଳିରେ ସମ୍ପାଦକ ଗଗନ ବିହାରୀ ଜେନା, ସଭାପତି ହରେକୃଷ୍ଣ ଶତପଥି, ସରପଞ୍ଚ ମଦନ ସାନ୍ତରା, କୁରୁଣ୍ଟା ସମିତିରେ ସମ୍ପାଦକ ଗଜେନ୍ଦ୍ର ଜେନା, ସଭାପତି ମୁକୁନ୍ଦ ନାୟକ, ସରପଞ୍ଚ ରଘୁନାଥ ଜେନା ଓ ସମିତିସଭ୍ୟା କମଳିନୀ ମାଝୀ ଏବଂ ମିର୍ଜାପୁର ପ୍ରାଥମିକ କୃଷି ସମବାୟ ସମିତିରେ ସମ୍ପାଦକ ଦେବାଶିଷ ପାଢ଼ୀ, ସଭାପତି ସନ୍ତୋଷ କୁମାର ନାୟକ, ସରପଞ୍ଚ ପ୍ରତିନିଧି ସୁରେଶ କୁମାର ମାଝୀ ଓ କୈଳାସ ମାଝୀ, ବୁଲୁ ଲେଙ୍କା, ସୁପରଭାଇଜର ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ରଣସିଂହପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚନ୍ଦନେଶ୍ୱର, ୧୦।୧ (ସମିସ): ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ବିଶିଷ୍ଟ ସମାଜସେବୀ ଶ୍ରୀହରି ଜେନା ଉଦଘାଟନ କରିଥିଲେ । ଏନେଇ ଆୟୋଜିତ ସଭାକୁ ପ୍ରଧାନ ଶିକ୍ଷକ ଦେବବ୍ରତ ଜେନା ସଞ୍ଚାଳନ କରିଥିଲେ । ମୁଖ୍ୟବକ୍ତା ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟାପକ ନବକୃଷ୍ଣ ଦେ ଓ ମୁଖ୍ୟଅତିଥି ବିଶିଷ୍ଟ ଶିକ୍ଷାବିତ ତଥା ସାରସ୍ୱତ ସାଧକ କାଳିକିଙ୍କର ଦାସ ଯୋଗ ଦେଇ କଠିନ ପରିଶ୍ରମ, ଗୁରୁଭକ୍ତି ଦ୍ୱାରା ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ଉପଦେଶ ଦେଇଥିଲେ । ସମ୍ମାନିତ ବକ୍ତା ଦକ୍ଷିଣ ଭୋଗରାଇ ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘର ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ଶମ୍ଭୁନାଥ ଜେନା, ସମ୍ମାନିତ ଅତିଥି କାନ୍ଥଭଉଁରୀ ସରପଞ୍ଚ କିରଣବାଳା ଜେନା, ସମିତି ସଭ୍ୟ ପ୍ରଦୀପ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃତ୍ତିବାସ ସୁର, ହାଡ଼ିଗୋଛିଆ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନାଭଡେଶ୍ୱର ମାଝୀ, ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପଦ୍ମଲୋଚନ ମାଝୀ, ୱାର୍ଡସଭ୍ୟ ରବୀନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳିଚରଣ ଜେନା, ଭଗିରଥ ଚନ୍ଦ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ସ୍ମୃତିପ୍ରଜ୍ଞା ବେହେରା ମଞ୍ଚ



ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ମନୋରଞ୍ଜନ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ସମୀର ଦାସ, ଶିଶୁ ସାହିତ୍ୟିକ ଝାଡ଼େଶ୍ୱର ପ୍ରଧାନ ଓ ଶୃତିଶିଖା ଚାନ୍ଦ ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ବଳରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ନେତୃତ୍ୱ ତାଲିମ ଶିବିର



ବାଲିଆପାଳ, ୧୦।୧ (ସମିସ): ବାଲିଆପାଳ ବ୍ଲକ ଜଗାଇ ପିପିଲି କୃଷ୍ଣଚନ୍ଦ୍ର ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ନେତୃତ୍ୱ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷା ଡ. ମାନସୀ ସାହୁଙ୍କ ପରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ, ମୁଖ୍ୟବକ୍ତା ଭାବେ ଡା. ରତ୍ନାକର ଦାସ, ସମ୍ମାନିତ ଅତିଥି ଭାବେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଆଶୁତୋଷ ଦାସ, ଏସ୍‌ଡିପିଓ ରମେଶ ଚନ୍ଦ୍ର ପଣ୍ଡା, ପିଓ ସୁପ୍ରାଶିନୀ ବେହେରା, ଏନଏସଏସର ପୂର୍ବତନ ପିଓ ଶାନ୍ତିଲତା ଦାସ, ମଞ୍ଚ ପରିଚାଳନାରେ ଆଶିଷ ଓଝା ସହଯୋଗ କରିଥିଲେ ସମ୍ବାଦ ପ୍ରତିନିଧି ଶାନ୍ତନୁ କୁମାର ମହାପାତ୍ର ଏବଂଅଧ୍ୟାପକ ଅଭିଳାଷ ବେହେରାଙ୍କୁ ରିସର୍ସ ପର୍ସନ ଭାବେ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ଦେଶ ପ୍ରେମ ଉପରେ ମାର୍ଗଦର୍ଶନ କରିଥିଲେ । ଗୋପାଳପୁର ଏନ ଏସ ଏସ ର ପି ଓ ଡ଼. କଲ୍ୟାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳେଶ୍ୱର ପ୍ରିମିୟର ଲିଗ୍ ସିଜିନ-୨(ଜୁନିୟର) କ୍ରିକେଟ ଆରମ୍ଭ

ଜଳେଶ୍ୱର, ୧୦।୧ (ସମିସ): ଜଳେଶ୍ୱର ପୌରାଞ୍ଚଳର ୩ନଂ ୱାର୍ଡ ଗୁଆଖଣା ଗୌରୀ କ୍ଲବ ଖେଳପଡ଼ିଆଠାରେ ଜଳେଶ୍ୱର ପ୍ରିମିୟର ଲିଗ ସିଜିନ-୨ (ଜୁନିୟର) କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନ ବିଜେପି ବରିଷ୍ଠ ନେତା ତଥା ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ସେକ ହାସିରୁଦ୍ଦିନ ବକ୍ସ ଅଧକ୍ଷତା କରିଥିବା ବେଳେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ବ୍ରଜମୋହନ ପ୍ରଧାନ, ସମ୍ମାନିତ ଅତିଥି



ଭାବେ ଫାଲଗୁନୀ ପାଣିଗ୍ରାହୀ, ରାଜେଶ କୁମାର ଖଟୁଆ, ତାପସ ପାଣିଗ୍ରାହୀ, ସଞ୍ଜୀବ ପାତ୍ର, ସେଖ ଜବାର, ରେହେମାନ ଖାଁ, ସେକ ଅବଦୁଲ ରେହେମାନ, ସେଖ ନାସିରୁଦ୍ଦିନ ବକ୍ସ, ଆସଲାମ ଖାଁ, ସେକ ସମସାଦ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ୬ ଓଭର ବିଶିଷ୍ଟ ୪ଦିନ ବ୍ୟାପୀ ହେବାକୁ ଥିବା ବେଳେ ୫ଟି ଟିମ ଏଥିରେ ଭାଗ ନେଇଛନ୍ତି । ଟିମ ଗୁଡିକ ହେଲା ପଦ୍ମା ସ୍ପୋର୍ଟ୍ସ, କେ.ଏମ୍.ସି ଫାଇଟର, ପାୱାର ହିଟର, କିଙ୍ଗସ୍ ଇଲେଭେନ ଷ୍ଟାର, ଏଲ ୱାରିୟସ୍ । ଉଦ୍‌ଘାଟନୀ ମ୍ୟାଚ କିଙ୍ଗସ୍ ଇଲେଭେନ ଷ୍ଟାର ଓ ଏଲ ୱାରିୟସ୍ ମଧ୍ୟରେ ହୋଇଥିଲା । ଏହି ଖେଳକୁ ସେକ୍ ଅମିର, ସେକ୍ ଫାଇଜଲ, ସେକ୍ ସମସାର, ସେକ୍ ଜାହିର, ସେକ୍ ଲକି ପରିଚାଳନା କରିଥିବା ବେଳେ ଗୌରୀ କ୍ଲବର ସେକ ଫଇଜୁ, ସେକ ଅନୁୟାର, ସେକ ଅସଲାମ, ସେକ ନାସିର ବକ୍ସ (ବବଲୁ) ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବିଧାୟକ ସନ୍ତୋଷ ଖଟୁଆ ହରଡ଼ଘଣାରେ

# ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଜାତୀୟ ମହିଳା କମିସନଙ୍କ ତାଗିଦ

ନୀଳଗିରି, ୧୦।୧ (ସମିସ)

ଦିନକୁ ଦିନ ବଢ଼ିଚାଲିଛି ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ଅଡୁଆ । କେତେବେଳେ ଦଳୀୟକନ୍ଦଳରେ ଛନ୍ଦି ହେଉଛନ୍ତି ତ ଅନ୍ୟ କେତେବେଳେ ନାରୀନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ବିବାଦରେ ଘାଣ୍ଟି ହେଉଛନ୍ତି । ଶ୍ରୀ ଖଟୁଆଙ୍କୁ ବିବାଦ ପିଛା ଛାଡୁନଥିବା ବେଳେ ଗତବର୍ଷ ଜୁଲାଇ ୨ତାରିଖରେ ଗଣମାଧ୍ୟମରେ ବିଜେଡିର ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଙ୍କ ପ୍ରତି ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ଟିପ୍ପଣୀକୁ ନେଇ ଡ. ସାମନ୍ତସିଂହାର ରାଜ୍ୟ ମହିଳା କମିଶନ ଏବଂ ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ଏ ନେଇ ଜାତୀୟ ମହିଳା କମିଶନ ୧୨ ଡିସେମ୍ବର ୨୦୨୫ ରେ ଖୋର୍ଦ୍ଧା ଏସ୍‌ପିଙ୍କୁ ଚିଠିଲେଖି ୧୫ଦିନ ମଧ୍ୟରେ ଅନ୍ତିମ କାର୍ଯ୍ୟାନୁଷ୍ଠାନ ରିପୋର୍ଟଦେବାକୁ କହିଛନ୍ତି । ନହେଲେ କମିଶନ ନିଜପଟୁ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବେ ।

ନୀଳଗିରି କୁଳଡିହା ଅଭୟାରଣ୍ୟ ମଧ୍ୟରେ ଶିକାରୀମାନେ ଏକ ଦନ୍ତାହାତୀକୁ ମାରି ଦାନ୍ତଲୁଟ୍ କରି ଘଟଣାରେ ସ୍ଥାନୀୟ ବିଧାୟକ ଶିକାରୀଙ୍କୁ ନିଜ ଫାର୍ମହାଉସରେ ଆଶ୍ରୟଦେଇଥିବା ଘଟଣାକୁ ନେଇ ବିଜେଡ଼ି ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ବିଧାୟକଙ୍କ ସମ୍ପୃକ୍ତିନେଇ ବୟାନ ଦେବା ପରେ ବିଧାୟକ ସନ୍ତୋଷ ଖଟୁଆ ନୀଳଗିରିରେ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ । ଏହି ମନ୍ତବ୍ୟ ପାଇଁ ସମାଜରେ ମାନହାନି ହେବା ଏବଂ ବିଧାୟକଙ୍କ ନାରୀଜାତି ପ୍ରତି ଘୋର ଅପମାନଜନକ ମନ୍ତବ୍ୟ ବୋଲି ବିଚାରକରି ପୁଲିସ, ନ୍ୟାୟାଳୟ ଏବଂ ଦିଲ୍ଲୀଠାରେ ଜାତୀୟ ମହିଳାକମିଶନଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟଭିକ୍ଷା କରିଥିଲେ ଡ. ସାମନ୍ତସିଂହାର । ଭୁବନେଶ୍ୱର ମହିଳା ଥାନାର କେସ ନଂ ୧୭୧/୨୫ରେ ତା ୪.୭.୨୫ରିଖ ଏକ ମାମଲା ରୁଜୁହୋଇ ଭାରତୀୟ ନ୍ୟାୟସଂହିତା ୭୫(୨), ୭୯, ୨୯୬, ୩୫୬ ଧାରାରେ ଆଇଆଇସି ଭାଗ୍ୟଶ୍ରୀ ସ୍ୱାଇଁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛନ୍ତି । ତଦନ୍ତ ରିପୋର୍ଟରେ ୧୬ଜିବି ଏଚପିର ଏକ ପେନଡ୍ରାଇଭ୍, ସାକ୍ଷୀ ମାନଙ୍କୁ ପଚରାଉଚୁରା କରିବାସହିତ ଫରେନସିକ୍ ଯାଞ୍ଚ କରାଯାଇଥିବା ତଦନ୍ତ ରିପୋର୍ଟରେ ଦର୍ଶାଇଛନ୍ତି । ଅନୁରୂପଭାବେ ରାଜ୍ୟମହିଳା କମିଶନ ମଧ୍ୟ ତୁରନ୍ତ ଫରେନ୍ସିକ ଯାଞ୍ଚକରି ୧୫ଦିନ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଲେଶ୍ୱର ଏସପିଙ୍କୁ ଚିଠିଲେଖିଥିବା ଜଣାଯାଇଛି ।

